# ପୌର ପରିଷଦ କାର୍ଯ୍ୟାଳୟ, ଦେବଗଡ

ପରିପତ୍ର ସଂଖ୍ୟା - 777 ତାରିଖ- 16/03/2026

## ବିଜ୍ଞାପନ

ଏତଦ୍ଦ୍ୱାରା ପୌର ପରିଷଦ, ଦେବଗଡ ଅଞ୍ଚଳରେ ଥିବା ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ,ପରିଷଦ ଅଞ୍ଚଳର ୧୯ ଗୋଟି ସ୍ଥାନରେ ଜଳଛତ୍ର କରାଯିବ । ଯଥା :

୧. ଆଇ.ଡି.ବି.ଆଇ ବ୍ୟାଙ୍କ ଛକ , ୱାର୍ଡ ନମ୍ବର- ୦୧

୨. ଗୋପବନ୍ଧୁ ଛକ ୱାର୍ଡ ନମ୍ବର- ୦୩

୩. ମେଡିକାଲ ଛକ , ୱାର୍ଡ ନମ୍ବର- ୦୩

୪. ବରପାଲି ସାହି ଛକ, ୱାର୍ଡ ନମ୍ବର- ୦୪

୫. ଲାଇବ୍ରେରୀ ଛକ, ୱାର୍ଡ ନମ୍ବର- ୦୪

୬.ରାଜମୁଣ୍ଡା ଛକ, ୱାର୍ଡ ନମ୍ବର- ୧୦

୭. ବୀର୍ସାମୁଣ୍ଡ ଛକ, ୱାର୍ଡ ନମ୍ବର- ୦୯

୮.ଝାଡେଶ୍ୱର ମନ୍ଦିର ଛକ , ୱାର୍ଡ ନମ୍ବର- ୦୭

୯.ଖଡିଆସାହିଛକ ,ୱାର୍ଡ ନମ୍ବର- ୦୬

୧୦.ନୂଆ କୋର୍ଟ ଛକ , ୱାର୍ଡ ନମ୍ବର- ୦୬

୧୧.ହକି ଛକ, ୱାର୍ଡ ନମ୍ବର- ୦୭

୧୨.ମହିଳା ମହାବିଦ୍ୟାଳୟ ଛକ, ୱାର୍ଡ ନମ୍ବର- ୦୫

୧୩. ପୁରୁଣାଗଡ ଛକ, ୱାର୍ଡ ନମ୍ବର- ୦୭

୧୪. ନୀଳବେରଣୀ ସାହି ଛକ , ୱାର୍ଡ ନମ୍ବର- ୦୯

୧୫. ଚର୍ଚ୍ଚ ଛକ , ୱାର୍ଡ ନମ୍ବର- ୧୦

୧୬.ନୂଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ, ୱାର୍ଡ ନମ୍ବର- ୧୦

୧୭. ଗଣେଶଛକ, ୱାର୍ଡ ନମ୍ବର- ୦୪

୧୮. କଚେରୀ ଛକ, ୱାର୍ଡ ନମ୍ବର- ୧୧

୧୯. ଗୁରୁସାହି ଛକ, ୱାର୍ଡ ନମ୍ବର- ୦୨ ରେ ପୌର ପରିଷଦ, ଦେବଗଡ ତରଫରୁ ଗ୍ରୀଷ୍ମ ଋତୁ ରେ ଜନସାଧାରଣଙ୍କ ସୁବିଧା ପାଇଁ ଜଳଛତ୍ର କରିବା ନିମନ୍ତେ ଆଗ୍ରହୀ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କ ଠାରୁ ଆବେଦନ ପତ୍ର ଆହ୍ୱାନ କରାଯାଉଅଛି । ଆଗ୍ରହୀ ମହିଳା ମିଶନ ଶକ୍ତି ଗୋଷ୍ଠୀମାନେ ତା...୧୬.୦୩.୨୦୨୬... ଠାରୁ ତା...୨୨.୦୩.୨୦୨୬ ନିମ୍ନ ଲିଖିତ ମାନଦଣ୍ଡ ଅନୁଯାୟୀ ସାଧା କାଗଜ ରେ ଆବେଦନପତ୍ର ଏବଂ ବୈଠକ ନିର୍ଦ୍ଧାରଣ ର ନକଲ (Resolution Copy of the meeting) ସହିତ ସମ୍ପୃକ୍ତ ଗୋଷ୍ଠୀ ର ସମସ୍ତ ସଦସ୍ୟଙ୍କ ବିବରଣୀ ଓ ସେମାନଙ୍କର ମୋବାଇଲ ନମ୍ବର ଇତ୍ୟାଦି ଉଲ୍ଲେଖକରି ବନ୍ଦ ଲଫାପା ରେ ଆସନ୍ତା ତା...୨୨.୦୩.୨୦୨୬.. ଅପରାହ୍ନ ୦୪:୦୦ ଟା ସୁଦ୍ଧା ପୌର ପରିଷଦ କାର୍ଯ୍ୟାଳୟ ରେ ଦାଖଲ କରି ପାରିବେ ନଚେତ ସମୟ ଅତିକ୍ରାନ୍ତ ପରେ କୌଣସି ଆବେଦନ ପତ୍ର ଗ୍ରହଣ କରାଯିବ ନାହିଁ । ତା ...୨୬.୦୩.୨୦୨୬ଆବେଦନ ପତ୍ର ଗୁଡ଼ିକର ଯାଞ୍ଚ କରାଯିବ । ଏଣୁ ଏହାର ସୁଯୋଗ ନେବା ପାଇଁ ସମସ୍ତ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଅନୁରୋଧ କରାଯାଉଅଛି ।

Scanned with OKEN Scanner

- ପ୍ରତିଟି ଚୟନ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ମାସିକ ୩୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ।
- ପ୍ରତିଟି ଚୟନ ହୋଇଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାନଙ୍କୁ ଜଳଛତ୍ର ମାନଙ୍କରେ ସାମୟିକ ଛାଉଣି, ବ୍ୟାନର, ମାଠିଆ, ମଗ, ଗ୍ଲାସ, ଲାଲ କପଡା ଇତ୍ୟାଦି କରିବା ପାଇଁ ଏକକାଳୀନ ୫୦୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ ।

## ଆବେଦନ ପାଇଁ ସର୍ବନିମ୍ନ ମାନଦଣ୍ଡ

୧. ସମ୍ପୃକ୍ତ ଗୋଷ୍ଠୀ ର ବ୍ୟାଙ୍କ ଖାତା ନିୟମିତ ସଂଚାଳନ ତଥା ୦୬ ମାସର ବାଙ୍କ Statement ସଂଲଗ୍ନ କରିବା ଆବଶ୍ୟକ ।

୨. ସମ୍ପୃକ୍ତ ଗୋଷ୍ଠୀ ର ବୈଠକ ନିୟମିତ ଭାବରେ ହେଉଥିଇବା ଆବଶ୍ୟକ ଏବଂ ବୈଠକ ବିବରଣୀ ଗୁଡିକୁ ବିବରଣୀ ଖାତାରେ ଲିପିବଦ୍ଧ ଥିବା ଏକ ବର୍ଷ ର ନକଲ ସଂଲଗ୍ନ କରିବା ଆବଶ୍ୟକ ।

୩. ଗୋଷ୍ଠୀ ର ପ୍ୟାନ (PAN) କାର୍ଡ ସଂଲଗ୍ନ କରିବା ଆବଶ୍ୟକ ।

୧୬/୦୩/୨୦୨୬

କାର୍ଯ୍ୟନିର୍ବାହୀ ଅଧିକାରୀ

ପୌର ପରିଷଦ,ଦେବଗଡ

**ପରିପତ୍ର ସଂଖ୍ୟା:** ୫୦୦ **ତାରିଖ:** 16/03/2026

ଏହି ବିଜ୍ଞପ୍ତିର ଏକକିତା ନକଲ ଜିଲ୍ଲାପାଳ ଦେବଗଡ / ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, ଦେବଗଡ ଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଏବଂ ପ୍ରେରଣ କରାଗଲା ।

୧୬/୦୩/୨୦୨୬

କାର୍ଯ୍ୟନିର୍ବାହୀ ଅଧିକାରୀ

ପୌର ପରିଷଦ, ଦେବଗଡ

**ପରିପତ୍ର ସଂଖ୍ୟା:** ୫୦୧ **ତାରିଖ:** 16/03/2026

ଏହି ବିଜ୍ଞପ୍ତିର ଏକକିତା ନକଲ ଉପରପ୍ରାପ୍ତ ଅଧକ୍ଷ, ପୌର ପରିଷଦ ଦେବଗଡ / ସମସ୍ତ ପାରିଷଦ, ପୌର ପରିଷଦ ଦେବଗଡ ଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଏବଂ ପ୍ରେରଣ କରାଗଲା ।

୧୬/୦୩/୨୦୨୬

କାର୍ଯ୍ୟନିର୍ବାହୀ ଅଧିକାରୀ

ପୌର ପରିଷଦ, ଦେବଗଡ

**ପରିପତ୍ର ସଂଖ୍ୟା:** ୫୦୨ **ତାରିଖ:** 16/03/2026

ଏହି ବିଜ୍ଞପ୍ତିର ଏକକିତା ନକଲ ଦେବଗଡ ପୌରାଞ୍ଚଳ ଓ ସମନ୍ୱିତ ଶିଶୁ ବିକାଶ ଯୋଜନା କାର୍ଯ୍ୟାଳୟ ଦେବଗଡ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଏବଂ ପ୍ରେରଣ କରାଗଲା ।

୧୬/୦୩/୨୦୨୬

କାର୍ଯ୍ୟ ନିର୍ବାହ ଅଧିକାରୀ

ପୌର ପରିଷଦ, ଦେବଗଡ

Scanned with OKEN Scanner

ପରିପତ୍ର ସଂଖ୍ୟା: ୫୦୩ ତାରିଖ; 16/03/2026

ଏହି ବିଜ୍ଞପ୍ତିର ଏକକିତା ନକଲ ଜିଲ୍ଲା ଇ – ଶାସନ ପରିଚାଳକ, ଦେବଗଡଙ୍କ ଅବଗତି ତଥା ୱେବସାଇଟ ରେ ପ୍ରକାଶନ ନିମନ୍ତେ ଜଣେଇ ଦିଆଗଲା ଏବଂ ପ୍ରେରଣ କରାଗଲା ।

୧୬/୦୩/୨୦୨୬

କାର୍ଯ୍ୟ ନିର୍ବାହ ଅଧିକାରୀ

ପୌର ପରିଷଦ, ଦେବଗଡ

ପରିପତ୍ର ସଂଖ୍ୟା: ୫୦୪ ତାରିଖ 16/03/2026

ଏହି ବିଜ୍ଞପ୍ତିର ଏକକିତା ନକଲ ଦେବଗଡ ପୌର ପରିଷଦ କାର୍ଯ୍ୟାଳୟ ଦେବଗଡ ସୂଚନା ଫଳକରେ ପ୍ରକାଶନ କରାଯାଇ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣେଇ ଦିଆଗଲା ଏବଂ ପ୍ରେରଣ କରାଗଲା ।

୧୬/୦୩/୨୦୨୬

କାର୍ଯ୍ୟ ନିର୍ବାହ ଅଧିକାରୀ

ପୌର ପରିଷଦ, ଦେବଗଡ

Scanned with OKEN Scanner